**ASBM®** Asian School of Business Management

| | |
|---|---|
| **NEW PAPER:** | Samaja |
| **DATE:** | 26.11.2018 |
| **PAGE:** | 8 |

ସମାଜ

The Samaja

# ଏଏସ୍‌ବିଏମ୍‌ରେ ଜାତୀୟ ମାନବ ସମ୍ବଳ ସିମ୍ପୋଜିୟମ

ଭୁବନେଶ୍ୱର,୨୫।୧୧:ଏସିଆନ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍) ଆନୁକୂଲ୍ୟରେ ୮ମ ଜାତୀୟ ମାନବ ସମ୍ବଳ ସିମ୍ପୋଜିୟମ ୨୦୧୮ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ଅତିଥି ଭାବେ ଡ. ଡଗ୍‌ଲାସ୍ ଗିଲ୍‌ବର୍ଟ୍ ପ୍ରଫେସର କଲୋରାଡୋ ବିଶ୍ୱବିଦ୍ୟାଳୟ ଏବଂ ଟିମ୍ ଲିଡ୍, ଏସିବିଏସ୍‌ପି ଯୁକ୍ତରାଷ୍ଟ୍ର ଆମେରିକା ଯୋଗଦେଇ ତାଙ୍କ ଅଭିଭାଷଣରେ ବ୍ୟବସାୟିକ ଅନୁଷ୍ଠାନର ସାମାଜିକ ଉନ୍ନତି ଦିଗରେ ପରିବର୍ତ୍ତନର ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ବ୍ୟବସାୟିକ ଅନୁଷ୍ଠାନ ମାନବ ସମ୍ବଳ ବିକାଶ ଓ ବୈଷୟିକ ଜ୍ଞାନକୌଶଳକୁ ଆଧାର କରି ପରିବର୍ତ୍ତନ ଆଣିବା ଦରକାର। ଏଥିରେ ନାଲ୍‌କୋ ମାନବସମ୍ବଳ ବିଭାଗର ନିର୍ଦ୍ଦେଶକ ବି.କେ.ଠାକୁର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ସିଏମ୍‌ଡି ନାଲକୋ ଜି. ଉପାଧ୍ୟାୟ ତାଙ୍କର ଭାଷଣରେ କହିଲେ ଯେ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ବିଜ୍‌ନେସ୍ ଆନାଲିଟିକ୍ସ ମାଧ୍ୟମରେ ବୈଷୟିକ ପରିବର୍ତ୍ତନ ସମ୍ଭବ। ଏଏସ୍‌ବିଏମ୍ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଫେସର (ଡ଼ଃ) ବିଶ୍ୱଜିତ ପଟ୍ଟନାୟକ ସିମ୍ପୋଜିୟମର ଶୀର୍ଷକ ଉପରେ ଆଲୋକପାତ କରି, କର୍ମଚାରୀ ଏବଂ ପରିଚାଳକ ମଧ୍ୟରେ ସୁସମ୍ପର୍କ ଓ ମାନବ ସମ୍ବଳର ସୁପରିଚାଳନା ଦିଗ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଆସୋସିଏଟ୍ ଡ଼ିନ୍ ତଥା ସିମ୍ପୋଜିୟମର କୋଡ଼ିନେଟର ପ୍ରଫେସର (ଡ଼) ଫଲଗୁ ନିରଞ୍ଜନା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ସିମ୍ପୋଜିୟମର କୋ-କୋଡ଼ିନେଟର ଡ. ଭକ୍ତବନ୍ଧୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

